# ଶ୍ରୀ ଜଗନ୍ନାଥ ମନ୍ଦିର, ରାୟଗଡ଼

## (ଶ୍ରଦ୍ଧା ଶ୍ରୀକ୍ଷେତ୍ର)

## ବିଜ୍ଞାପନ

ପତ୍ର ସଂଖ୍ୟା....815........ ତା...2.2.2023

ତହସିଲଦାର ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର, ରାୟଗଡ଼ ତରଫରୁ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା, ରାୟଗଡ଼ ନିକଟରେ ଥିବା ଶ୍ରୀ ଗୁଣ୍ଡିଚା ମନ୍ଦିରର ତଳ ମହଲାରେ ଥିବା ଗୃହକୁ ଯାହାର କ୍ଷେତ୍ରଫଳ 2750 ବର୍ଗ ଫୁଟ ବ୍ୟବସାୟିକ ପ୍ରତିଷ୍ଠାନ ନିମନ୍ତେ ଭଡା ସୂତ୍ରରେ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଏଥିନିମନ୍ତେ ଇଚ୍ଛୁକ ହିନ୍ଦୁ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନକାରୀ ଏଥି ସଂକ୍ରାନ୍ତୀୟ ସମସ୍ତ ସର୍ତ୍ତାବଳୀ ଅନୁଧ୍ୟାନ ପୂର୍ବକ ଯଦି ଗ୍ରହଣୀୟ ମନେକରନ୍ତି, ତାହାହେଲେ ଆବେଦନ ପତ୍ର ଅମାନତ ରାଶି ଏବଂ ଦରଖାସ୍ତ ଫିସ ନିମନ୍ତେ Demand Draft ଏବଂ ଅନ୍ୟାନ୍ୟ କାଗଜାଦି ସହ ବନ୍ଦ ଲଫାପାରେ ଆସନ୍ତା ତା 04.02.2023 ପୂର୍ବାହ୍ନ 10.00 ଘଟିକା ଠାରୁ ତା 11.02.2023 ଅପରାହ୍ନ 5.30 ଘଟିକା ମଧ୍ୟରେ ତହସିଲ କାର୍ଯ୍ୟାଳୟ, ରାୟଗଡଠାରେ ଦାଖଲ କରିପାରିବେ । ଆବେଦନପତ୍ର Tender Box ମାଧ୍ୟମରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାପ୍ତ ଆବେଦନଗୁଡିକୁ ତା 13.02.2023 ରିଖ ଦିବା 11.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟଠରେ ଆବେଦନକାରୀ ଅଥବା ଆବେଦନକାରୀଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

ଏଥି ସଂକ୍ରାନ୍ତୀୟ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ www. Rayagada.nic.in ଲିଙ୍କରେ ଏବଂ ତହସିଲ କାର୍ଯ୍ୟାଳୟ, ରାୟଗଡଠାରେ ଉପଲବ୍ଧ ହେବ ।

3/2/23

ତହସିଲଦାର ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର, ରାୟଗଡ଼

# ସର୍ତ୍ତାବଳୀ

1. ଲିଜ ଅବଧି 5 ବର୍ଷ ଅଟେ । ଓଡ଼ିଶା ଦେବୋତ୍ତର ଆଇନ 1951 ଦଫା 19 ମୁତାବକ ଦେବୋତ୍ତର କମିସନରଙ୍କ ଅନୁମତି କ୍ରମେ ଲିଜ ଅବଧି ପରେ ନବୀକରଣ କରାଯିବ ।
2. ସର୍ବନିମ୍ନ ମାସିକ ଭଡ଼ା ଟ 70,000/- ଧାର୍ଯ୍ୟ କରାଯାଇଅଛି । ଲିଜଧାରି 2 ମାସର ଅଗ୍ରୀମ ଭଡ଼ା ସହ ପ୍ରତ୍ୟେକ ମାସର ଭଡ଼ା ପରବର୍ତ୍ତୀ ମାସର 5 ତାରିଖ ସୁଦ୍ଧା ରାଜସ୍ୱ ନିରୀକ୍ଷକ ରାୟଗଡ଼ଙ୍କ ନିକଟରେ ଦାଖଲ କରି ଉଚିତ ରସିଦ ଗ୍ରହଣ କରିବେ ।
3. ଯେଉଁ ବ୍ୟକ୍ତିଙ୍କ ଆବେଦନ ଫର୍ମ ଗୃହୀତ ହେବ ସେ ଏକକାଳିନ ଟ 15,00,000/- **Security** ରାଶି ( ଲିଜ ଅବଧି ପରେ ଫେରସ୍ତ ଯୋଗ୍ୟ ) ଏବଂ ଗୃହ ଭିତରର **Show Case** ମୂଲ୍ୟ ବାବଦକୁ ଟ 34,00,000/- (ଅଣ ଫେରସ୍ତ ଯୋଗ୍ୟ) ନିଲାମ ଖୋଲାଯିବାର ସପ୍ତାହକ ମଧ୍ୟରେ ଏକକାଳିନ ଦାଖଲ କରିବେ । ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ଦାଖଲ ନକଲେ **EMD** / ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ତାଙ୍କ ସପକ୍ଷରେ ଗ୍ରହଣ କରାଯାଇଥିବା ନିଲାମଟି ଅସିଦ୍ଧ ଘୋଷଣା କରି ଦ୍ୱିତୀୟ ସର୍ବୋଚ୍ଚ ଡାକଧାରୀଙ୍କୁ ପ୍ରଦାନ କରାଯିବ ।
4. ଯେଉଁ ଆବେଦନକାରୀ ନିଲାମ ମାଧ୍ୟମରେ ସର୍ବୋଚ୍ଚ ଭଡ଼ା ଦେବାକୁ ଆଗ୍ରହୀ ଥିବେ ତାଙ୍କୁ ଚୟନ କରାଯିବ । ଆବେଦନ ପତ୍ରର କ୍ରମିକ ସଂଖ୍ୟା 9 ପୂରଣ କରି ଦର୍ଶାଇବେ ।
5. ପ୍ରକାଶ ଥାଉକି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ହିନ୍ଦୁ ବ୍ୟକ୍ତିବିଶେଷ ଗୁଣ୍ଡିଚା ମନ୍ଦିରର ତଳ ମହଲାକୁ ପରିଦର୍ଶନ କରି ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ଜାଣି ଆବେଦନ କରିବା ବାଞ୍ଛନୀୟ । ଲିଜ ଗୃହୀତ ହେବା ପରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।
6. ଲିଜଧାରୀ ଅନ୍ୟ କାହାକୁ ସଂପୂର୍ଣ୍ଣ / ଆଂଶିକ କରି ସବଲିଜ ଦେଇପାରିବେ ନାହିଁ ।
7. ଦରଖାସ୍ତ ଫିଜ ବାବଦକୁ ଟ 2,000/- ମୂଲ୍ୟର **Demand Draft** ଟିକୁ **Sri Jagannath Mandir Management Committee** ନାମରେ ଦରଖାସ୍ତ ଫର୍ମ ସହ ସଂଲଗ୍ନ କରିବେ ନଚେତ୍ **Auction Paper** ଗ୍ରହଣୀୟ ହେବ ନାହିଁ।
8. ଦରଖାସ୍ତକାରୀ **EMD ( Earnest Money Deposit )** ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟ 2,12,000/- ଜମା କରିବେ । ବ୍ୟାଙ୍କ ଡ୍ରାଫ୍ଟଟି **Sri Jagannath Mandir Management Committee** ନାମରେ ପ୍ରଦାନ କରିବେ ନଚେତ୍ ତାଙ୍କ ଦରଖାସ୍ତଟି ବିଚାରକୁ ନିଆଯିବନାହିଁ ।
9. ଦରଖାସ୍ତକାରୀ ଦରଖାସ୍ତ ସହ ନିଜର **PAN CARD** ଏବଂ **AADHAR CARD** ନକଲ ପ୍ରଦାନ କରିବେ ।
10. ଦରଖାସ୍ତକାରୀ ଦରଖାସ୍ତ ସହ ଆବଶ୍ୟକ କାଗଜାତ ଏବଂ **Bank Draft** ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା **Tender Box** ରେ ତା 04.02.2023 ଠାରୁ ତା 11.02.2023 ଅପରାହ୍ନ ଘଟିକା 5.30 ମଧ୍ୟରେ ଜମା କରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

11. ସମସ୍ତ ସର୍ତ୍ତାବଳୀକୁ ପୂରଣ କରିଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଂଜୁର କରାଯିବ ଏବଂ ଅସଂପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ ।

12. ଯେଉଁ ବ୍ୟକ୍ତିଙ୍କ ନିଲାମ ସିଦ୍ଧ ହେବ ନାହିଁ ସେ ଦାଖଲ କରିଥିବା ଅମାନତ ରାଶି (EMD) 15 ଦିନ ପରେ ଫେରସ୍ତ ପାଇବେ ।

13. କୋଠାର ବାହ୍ୟ ପାର୍ଶ୍ୱରେ କୌଣସି ନିର୍ମାଣ ତଥା ପରିବର୍ତ୍ତନ ଯଦି ଆବଶ୍ୟକ ହୁଏ ତାହାହେଲେ କେବଳ ସଂପୃକ୍ତ ଅଧିକାରୀଙ୍କ ଅନୁମତି କ୍ରମେ କରାଯାଇପାରିବ ।

14. ଆବେଦନକାରୀ ନିଜ ଖର୍ଚ୍ଚରେ 3-Phase ବିଦ୍ୟୁତ ସଂଯୋଗ କରାଇବେ ଏବଂ ଏଥି ସଂକ୍ରାନ୍ତିୟ ସମସ୍ତ ଖର୍ଚ୍ଚ ବହନ କରିବେ ଏବଂ ମାସିକ ବିଦ୍ୟୁତ ବିଲ୍ ଭରଣା କରିବେ ।

15. ହୋଟେଲ୍ ପ୍ରତିଷ୍ଠାନ ତଥା ଅବକାରୀ ସମ୍ବନ୍ଧୀୟ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ ।

16. ଆବେଦନକାରୀ ନିଜ ଖର୍ଚ୍ଚରେ ଅନ୍ୟାନ୍ୟ ଆଭ୍ୟନ୍ତରୀୟ ସାଜସଜ୍ଜା ତଥା ଆନୁଷଙ୍ଗିକ ବ୍ୟବସ୍ଥା କରାଇବେ ।

Sd/- ୨/୨/୨୩

ତହସିଲଦାର ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର, ରାୟଗଡ଼

ପରିପତ୍ର ସଂ...୪୮୭...... ତା...୨.୨.୨୦୨୩

ଏହାର ଏକକିତା ନକଲ **Endowment Commissioner, Bhubaneswar / Addl. Assistant Commissioner, Berhampur** ଅବଗତି ବିନୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା ।

Sd/- ୨/୨/୨୩

ତହସିଲଦାର ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର, ରାୟଗଡ଼

ପରିପତ୍ର ସଂ...୪୮୮...... ତା...୨.୨.୨୦୨୩

ଏହାର ଏକକିତା ନକଲ **Collector, Rayagada / Sub-Collector, Rayagada / BDO, Raygada,/ P.A., ITDA, Rayagada / Executive Officer, Rayagada Municipality / P.D, DRDA, Rayagada / DIPRO, Rayagada / Jagannath Temple Office, Rayagada** କୁ ପ୍ରରଣା କରି ଜନସାଦାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ଲଟକାଇବା ନିମନ୍ତେ ଅନୁରୋଧ କରାଗଲା ।

Sd/- ୨/୨/୨୩

ତହସିଲଦାର ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର, ରାୟଗଡ଼

ପରିପତ୍ର ସଂ...୪୮୯...... ତା...୨.୨.୨୦୨୩

ଏହର ଏକକିତା ନକଲ **DIO, NIC, Rayagada** କୁ ପ୍ରଦାନ କରି ଏହି ନୋଟିସକୁ **Dist. Website** ରେ ଉପଲବ୍ଧ କରାଇବାକୁ ଅନୁରୋଧ କରାଗଲା ।

Sd/- ୨/୨/୨୩

ତହସିଲଦାର ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର, ରାୟଗଡ଼

# ଆବେଦନ ପତ୍ର

1. ଆବେଦନକାରିଙ୍କ ସଂମ୍ପୁର୍ଣ୍ଣ ନାମ ..........................................................................

2. ବୟସ ........... ବର୍ଷ

3. ପିତା/ସ୍ୱାମିଙ୍କ ନାମ ..........................................................................................

4. ବର୍ତ୍ତମାନ ଠିକଣା ....................................................................

....................................................................

....................................................................

5. ସ୍ଥାୟୀ ଠିକଣା ....................................................................

....................................................................

....................................................................

6. ଆଧାର କାର୍ଡ ନଂ ....................................................................

7. ପାନ କାର୍ଡ ନଂ ....................................................................

8. ବୃତ୍ତି ....................................................................

9. ସର୍ବୋଚ୍ଚ ମାସିକ ଭଡ଼ା ............................... ଅକ୍ଷରରେ ..........................................................................

.................................................................... ଟଙ୍କା ଦେବାକୁ ଇଚ୍ଛୁକ ।

ଶ୍ରୀ ଗୁଣ୍ଡିଚା ମନ୍ଦିରର ତଳ ମହଲାରେ ଥିବା ଗୃହର ନିଲାମ ନିମନ୍ତେ ପ୍ରକାଶ ହୋଇଥିବା ସମସ୍ତ ସର୍ତ୍ତାବଳୀଗୁଡିକୁ ମୁଁ ପାଳନ କରିବି । ଏଥିରେ ଯଦି କୌଣସି ଖିଲାପ କରେ ନିୟମ ଅନୁସାରେ ମୋ ନାମରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

ଆବେଦନକାରିଙ୍କ ଦସ୍ତଖତ

ତା .........................